# ଗ୍ରାମୀଣ କୃଷି ମୌସମ ସେବା

ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ସଂପ୍ରସାରଣ କେନ୍ଦ୍ର
ରାଣୀତାଲ, ଭଦ୍ରକ, ଓଡ଼ିଶା-୭୫୬୧୧୧
(ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ)

ପତ୍ରିକା ସଂଖ୍ୟା-୦୫/୨୪

**ଜିଲ୍ଲା-ଯାଜପୁର** ତା.୧୬.୦୧.୨୦୨୪

**ପାଣିପାଗ ପୂର୍ବାନୁମାନ (ତା.୨୧.୦୧.୨୦୨୪ ପର୍ଯ୍ୟନ୍ତ )-:** ପାଣିପାଗ କେନ୍ଦ୍ରର ପୂର୍ବାନୁମାନ ଅନୁଯାୟୀ, ଜିଲ୍ଲାରେ 4 ଦିନ ପର୍ଯ୍ୟନ୍ତ ଶୁଖିଲା ପାଗ ରହିବ ଏବଂ ୧୯ ତାରିଖରେ ଅତି ହାଲୁକା ବର୍ଷା ହେବା ସହ ଆକାଶ ମେଘୁଆ ରହିବ। ପବନର ବେଗ ଘଣ୍ଟାପ୍ରତି ୦୭ରୁ ୧୦ କିଲୋମିଟର ମଧ୍ୟରେ ରହିବ। ଆସନ୍ତା ୫ ଦିନ ପର୍ଯ୍ୟନ୍ତ ସର୍ବୋଚ୍ଚ ତାପମାତ୍ରା ଓ ସର୍ବନିମ୍ନ ତାପମାତ୍ରା ଯଥାକ୍ରମେ ୨୮ରୁ ୨୯ ଓ ୧୭ରୁ ୧୮ ଡିଗ୍ରି ରହିବ।

## ପାଣିପାଗଭିତ୍ତିକ କୃଷି ଉପଦେଶ

### ଖରିଫ ଧାନ

- ଅମଳ ପରେ ଧାନକୁ ଭଲଭାବେ ଖରାରେ ୩ ରୁ ୪ ଦିନ ଶୁଖାଇ ସାଇତି ରଖନ୍ତୁ । ବିହନ ପାଇଁ ୧୨% ଆଦ୍ରତା ଓ ଖାଇବା ଉପୋଯୋଗୀ ପାଇଁ ୧୪% ଆଦ୍ରତା ରହିବା ଆବଶ୍ୟକ ।

### ମୁଗ ଓ ବିରି

- ମୁଗ ଓ ବିରି ଫସଲରେ ପ୍ରାରମ୍ଭିକ ଅବସ୍ଥାରେ ଧଳାମାଛି ଓ ଅନ୍ୟାନ୍ୟ ଶୋଷକ କୀଟ ମାନଙ୍କ ଦାଉରୁ ଫସଲକୁ ସୁରକ୍ଷା ଦେବାପାଇଁ ୧ କିଗ୍ରା ମଞ୍ଜି ପ୍ରତି ୫ ମି.ଲି. ଇମିଡାକ୍ଲୋପ୍ରିଡ ୬୦୦ ଏଫ.ଏସ. ମିଶାଇ ବିଶୋଧନ କରନ୍ତୁ ।
- ବିହନ ବୁଣିବାର ୭ ଦିନ ପୂର୍ବରୁ ଏକ କିଗ୍ରା ମଞ୍ଜିରେ ୨ ଗ୍ରାମ କାରବେନଡାଜିମ ଫିମ୍ପିନାଶକ କିମ୍ବା ୩ ଗ୍ରାମ (କାରବୋକ୍ସିନ + ଥିରାମ) ମିଶାଇ ବିହନ ବିଶୋଧନ କରନ୍ତୁ ।
- ବିହନ ବୁଣିବା ଦିନ ପ୍ରତି କିଗ୍ରା ବିହନରେ , ୨୦ ଗ୍ରାମ ରାଇଜୋବିୟମ ଜୀବାଣୁକଲଚର ସହିତ ଗୋଳାଇ ଛାଇରେ ଶୁଖାଇ ଜମିରେ ବୁଣନ୍ତୁ।
- ଧାଡି କୁ ଧାଡି ବ୍ୟବଧାନ ୨୫ ସେ.ମି. x ୧୦ ସେ.ମି. ରଖନ୍ତୁ ।
- ଶେଷ ଓଡ ଚାଷ ସମୟସର ଏକର ପ୍ରତି ୨ଟନ ଶଢା ଗୋବର ଖତ କିମ୍ବା କମ୍ପୋଷ୍ଟ ସହିତ ୩୫ କେଜି ଡ଼ିଏପି, ୧୩ କେଜି ମ୍ୟୁରେଟ ଅଫ ପଟାସ ଏବଂ ୪ କେଜି ୟୁରିୟା ମୂଳ ସାର ହିସାବରେ ପ୍ରୟୋଗ କରନ୍ତୁ।

### ସୋରିଷ/ତୋରିଆ-

- ମାଟିର ଉପଯୁକ୍ତ ବତର ଥିବାରୁ ଏହାର ବିନିଯୋଗ କରି ସୋରିଷ ମଞ୍ଜି ବୁଣା ବୁଣି ଶୀଘ୍ର କରନ୍ତୁ ।
- ମଞ୍ଜି ବୁଣିବାର ଦିନକ ପରେ ଏକର ପ୍ରତି ୧.୩ ଲିଟର ପେଣ୍ଡିମିଥାଳିନ ଘାସମରା ବିଷ ୩୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।
- ୧୫-୨୦ ଦିନ ବେଳକୁ ଅଧିକ ଗଛ ଅପଡି ପତଳା କରି ଦିଅନ୍ତୁ। ଗଛ ୨୦-୨୫ ଦିନର ହୋଇଗଲେ କୋଡାଖୋଷା କରି ଅନାବନା ଘାସ ବାଛି ୫୦% ଯବକ୍ଷାରଜାନ ପ୍ରୟୋଗ କରନ୍ତୁ ।
- ଜମିରେ ଜଉ ପୋକ ଦେଖାଦେଇପାରେ, ଦମାନ କରିବା ପାଇଁ ପ୍ରତି ଲିଟର ପାଣିରେ ୧.୫ ମି.ଲି. ଡାଇମମମଥାଏଟ୍ ୩୦% ଇ.ସି. କିମ୍ବା ୦.୩ ମି.ଲି. ଇମିଡାମକ୍ଳାପ୍ରିଡ୍ ୧୭.୮% ଏସ୍.ଏଲ୍. ମିଶାଇ ସିଞ୍ଚନ କରନ୍ତୁ ।

### ପନିପରିବା-

- **କୋବି ଜାତୀୟ ପନିପରିବା** : କୋବିଜାତୀୟ ପନିପରିବା ଫସଲେର ଆଲଟରନରିଆ ପତ୍ର ଦାଗ ରୋଗର ପରିଚାଳନା ପାଇ ଏକର ପ୍ରତି ୬୦୦ ଗ୍ରାମ Mancozeb କିମ୍ଭା Carbendazim ଓ Mancozeb ର ମିଳିତ ଫିମ୍ପିନାଶକକୁ ୨୦୦ ଲିଟର ପାଣିର ମିଶାଇ ସିଂଚନ କରନ୍ତୁ।
- **ବାଇଗଣ ଓ ଟମାଟ :** ବାଇଗଣ ଓ ଟମାଟୋ ଫସଲରେ ଝାଉଂଳା କିମ୍ବା ଆଂଶିକ ଝାଉଂଳା ରୋଗ ଦେଖାଗଲେ ଆକ୍ରାନ୍ତ ଗଛ କୁ ଓପାଡି ଦିଅନ୍ତୁ ଓ ଗଛ ମୂଳରେ ନିମ୍ବ କିମ୍ବା କରଞ୍ଜ ପିଡିଆ ପ୍ରୟୋଗ କରନ୍ତୁ । ପ୍ରତି ଲିଟର ପାଣିରେ ୧ ମି.ଲି. କବକ ନାଶକ ଟେବୁକୋନାଜୋଲ କୁ ମିଶାଇ ଗଛ ମୂଳ ଓ ପତ୍ରକୁ ସିଂଚନ କରନ୍ତୁ ।

- ❖ ଟମାଟ,ବାଇଗଣ,ଲଙ୍କା ଫସଲରେ ଚାରା ରୋପଣ ପୂର୍ବରୁ ଲିଟର ପାଣି ପ୍ରତି ୨ଗ୍ରାମ (ମେଟାଲାକସିଲ + ମାଙ୍କୋଜେବ) ସହ ୧ ଗ୍ରାମ ପ୍ଲାଣ୍ଟୋମାଇସିନ ମିଶାଇ ତଳି ବିଶୋଧନ କରନ୍ତୁ।
- ❖ ପନିପରିବା ନର୍ସରୀ ଏବଂ ଜମିରେ ଥିବା ଧଳା ମାଛି, ପତ୍ରପୋଡା, ପତ୍ରଉଙ୍କୁଣି ଏବଂ ଜଉ ପୋକଙ୍କ ନିୟନ୍ତ୍ରଣ ପାଇଁ ଥାୟମେଥୋକଜାମ ୦.୪ ଗ୍ରାମ/ଲିଟର ପାଣି ପ୍ରତି ସିଞ୍ଚନ କରନ୍ତୁ।
- ❖ ବାଇଗଣ ଫସଲରେ ପତ୍ରପୋଡା ରୋଗର ଦମନ ପାଇଁ ଏକର ପ୍ରତି ୧ ଲିଟର ପାଣିରେ ୨ ଗ୍ରା (ମେଟାଲାକ୍ସିଲ + ମାଙ୍କୋଯେବ) କିମ୍ବା ୦.୮ ମି.ଲି. ଅଯୋକ୍ସିଷ୍ଟ୍ରୋବିନ ସିଂଚନ କରନ୍ତୁ ।
- ❖ ଶୀତ ଦିନିଆ ପନିପରିବା ଯଥା କୋବି, ବାଇଗଣ, ଟମାଟୋ ଓ ଲଙ୍କା ଫସଲରେ ପତ୍ରଖିଆ ଓ ଫଳବିନ୍ଧା ପୋକର ଦମନ ପାଇଁ ୧ ଲିଟର ପାଣି ପ୍ରତି ୦.୫ ଗ୍ରାମ ଏମାମେକ୍ଟିନ ବେଞ୍ଜୋଏଟ କିମ୍ବା ୦.୪ ମି.ଲି. ସ୍ପିନୋସାଡ ପ୍ରୟୋଗ କରନ୍ତୁ ।
- ❖ ବିଲାତି ବାଇଗଣ ଓ କୋବି ଜାତୀୟ ଫସଲରେ ଧୂଆଁପତ୍ର ଗୋଟି ପୋକ ଲାଗିବାର ସମ୍ଭାବନା ଥିବାରୁ ଏକର ପ୍ରତି ୮୦ ଗ୍ରାମ ଏମାମେକ୍ଟିନ ବେଞ୍ଜୋଏଟ କିମ୍ବା ୩୦୦ ମି.ଲି. ଲମ୍ବଡା ସାଇହାଲୋଥ୍ରୀନକୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।
- ❖ ପୋଟଳ ଫସଲରେ ପତ୍ରପୋଡା, ପତ୍ର ଦାଗ, ଓ ନିମ୍ନମୁଖୀ ପାଉଁଶିଆ ରୋଗର ନିରାକରଣ ପାଇଁ ଏକର ପ୍ରତି ୨୦୦ ଲିଟର ପାଣିରେ ୪୦୦ ଗ୍ରା (ମେଟାଲାକ୍ସିଲ + ମାଙ୍କୋଯେବ) କିମ୍ବା ୩୦୦ ଗ୍ରା କ୍ଲୋରଥାଲୋନୀଲ କିମ୍ବା ୧୬୦ ମି.ଲି. ଆଯୋକ୍ସିଷ୍ଟ୍ରୋବିନ କୁ ପତ୍ରସିଞ୍ଚନ କରନ୍ତୁ। ପୋଟଳରେ ଫଳମାଛି ର ଆକ୍ରମଣ ଦେଖାଗଲେ ଆକ୍ରାନ୍ତ ଫଳକୁ ନିୟମିତ ନଷ୍ଟ କରନ୍ତୁ । ଏହାର ନିରାକରଣ ପାଇଁ ୧ ଲିଟର ପାଣିରେ ୧୦୦ ଗ୍ରା. ଗୁଡ ସହିତ ୨ ଗ୍ରା. ଥାୟୋଡ଼ିକାର୍ବ ମିଶାଇ ବିଷ ଥୋପ ହିସାବରେ ଗଛ ମୂଳରେ ରଖନ୍ତୁ ଏବଂ ସ୍ପ୍ରେ କରନ୍ତୁ।

**ଫଳ –**

- ❖ 1.ଅମୃତଭଣ୍ଡା: ଅମୃତଭଣ୍ଡା ରେ ଧଳା ମାଛି ଦମନ ପାଇ NSKE 5% ସିଂଚନ କେନ୍ତୁ।
- ❖ 2.କଦଳୀ- ସିଗାଟୋକା ଲିଫ ସ୍ପଟ ରୋଗର ପ୍ରକୋପକୁ କମ୍ କରିବା ପାଇଁ (କାରବେଣ୍ଡାଜିମ + ମ୍ୟାଙ୍କୋଜେବ) ୨ଗ୍ରାମ/ଲିଟର ପାଣି ରେ ମିଶାଇ ପ୍ରୟୋଗ କରନ୍ତୁ ।

**ମାଛ ଚାଷ**

- ➤ ପୋଖରୀରୁ ଅନାବନା ଘାସ, ଶିକାରୀ ଓ ଅଦରକାରୀ ଚୂନା ମାଛ ନଷ୍ଟ କରି ଏକର ପ୍ରତି ୧୦୦କି.ଗ୍ରା. ଚୂନ ପ୍ରୟୋଗ କରନ୍ତୁ।

**ପଶୁପାଳନ**

ପଶୁମାନଙ୍କୁ ନିୟମିତ ଭାବେ ଲୁଣ ସହିତ ଖଣିଜ ମିଶ୍ରଣ ଦିଆଯିବା ଉଚିତ ଏବଂ ପଶୁମାନଙ୍କର ଶକ୍ତି ଆବଶ୍ୟକତାକୁ ପୂରଣ କରିବା ପାଇଁ ଶୀତଋତୁରେ ଦୈନିକ ରାସନରେ ଗହମ ଶସ୍ୟ, ଗୁଡ଼ ଇତ୍ୟାଦି 10%-20% ପ୍ରଦାନ କରନ୍ତୁ।

ଚାଷରେର ଅଧିକ ଲାଭବାନ ହେବା ପାଇଁ ଓୟୁଏଟି କଳିଙ୍ଗ ଉତ୍ପାଦ (ଚାରା, QPM, ଟିସୁ କଲଚର ଗଛ, ଫଳ ଓ ପନିପରିବା, ଯାଅଁଳ, କୁକୁଡା ଚିଆଁ, ଛତୁ, ଛତୁ ମଞ୍ଜି, ଜୈବିକ ସାର, ଜୈବିକ କୀଟନାଶକ, ଜିଆ ଖତ, କୃଷି ଯନ୍ତ୍ରପାତି ଇତ୍ୟାଦି ) ବ୍ୟବହାର କରନ୍ତୁ ।

ଭାରତୀୟ ପାଣିପାଗ ବିଭାଗର ପୂର୍ବନୁମାନ ଓ ପାଣିପାଗ ଭିତିକ କୃଷି ସୂଚନା ନିମନ୍ତେ ଅଧିକ ବିବରଣୀ ପାଇଁ MEGHDOOT ମୋବାଇଲ ଆପ ବ୍ୟବହାର କରନ୍ତୁ ।

(Android:https://play.google.com/store/apps/details?id=com.aas.meghdoot)(iOS: https://apps.apple.com/in/app/meghdoot/id1474048155)